# କେନ୍ଦୁଝର: ୧୬୮ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବାହାରିଲେ

କେନ୍ଦୁଝର, ତା ୦୪.୦୧:       ଓଡିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କେନ୍ଦୁଝର ଜିଲ୍ଲାରୁ ୧୬୮ ଜଣ ବରିଷ୍ଠ ନାଗରିକ ଚଳିତ ଜାନୁଆରୀ ୦୪ ତାରିଖରୁ ଉଜ୍ଜୟିନୀ ଓ ଓଁକାରେଶ୍ୱର ଯାତ୍ରା କରିଛନ୍ତି । ଏହି ଉପଲକ୍ଷେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୁଭାରମ୍ଭ ସମାରୋହରେ ମୁଖ୍ୟ ଉନ୍ନୟନ ଅଧୀକାରୀ ଜିଲ୍ଲାପରିଷଦ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ,ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଡେପୁଟି କଲେକ୍ଟର ଏମ୍‌ଡି ଫିରୋଜ୍ ଖାଁ ଅତିଥି ଭାବେ ଯୋଗଦେଇ ପତାକା ହଲାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ଆର୍ଥିକ ଦୁର୍ବଳ ଶ୍ରେଣୀର ବରିଷ୍ଠ ନାଗରିକମାନଙ୍କର ତୀର୍ଥଯାତ୍ରାର ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ତୀର୍ଥଯାତ୍ରୀମାନଙ୍କର ଶୁଭ ମନାସି ଥିଲେ । ସୂଚନାଯୋଗ୍ୟ ଯେ, ଗୁରୁବାର ଅପରାହ୍ନରେ ୪ଟି ବସରେ କେନ୍ଦୁଝରରୁ ବାହାରିଥିବା ତୀର୍ଥଯାତ୍ରୀମାନେ ବାଲେଶ୍ୱରଠାରେ ରାତ୍ରୀଯାପନ କରିବେ । ଶୁକ୍ରବାର ଦିନ ୧୧ଘଟିକା ୩୦ମିନିଟ୍ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସି ଜରିଆରେ ତୀର୍ଥଯାତ୍ରାର ଶୁଭାରମ୍ଭ କରିବା ପରେ ଏକ ସ୍ୱତନ୍ତ୍ର ଟ୍ରେନରେ ବାଲେଶ୍ୱର, ଭଦ୍ରକ,ମୟୂରଭଞ୍ଜ,ଯାଜପୁର ଜିଲ୍ଲାର ତୀର୍ଥଯାତ୍ରୀମାନଙ୍କ ସହ ଯାତ୍ରା କରିବେ । ତୀର୍ଥଯାତ୍ରାକୁ ସୁବ୍ୟବସ୍ଥିତ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ୫ଜଣିଆ ସରକାରୀ କର୍ମଚାରୀ ଟିମ୍‌ଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲ୍ଲାର ତୀର୍ଥଯାତ୍ରୀମାନେ କେନ୍ଦୁଝରରୁ ଯାତ୍ରା ଆରମ୍ଭ କରିଛନ୍ତି ।

ସ୍ୱା/- ତା ୦୪/୦୧/୨୦୨୪

ଉପନିର୍ଦ୍ଦେଶକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର